ଧରିତ୍ରୀ
DHARITRI
୪୭
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୪/୨୦୨୦ (୧୬ ପୃଷ୍ଠା) Bhubaneswar, Friday, December 4/2020 ★★★★★★
୪୭ଶ ଭାଗ ୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

# ବିଜିୟୁରେ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ- ଏକ୍ସଚେଞ୍ଜ ପ୍ରୋଗ୍ରାମ

**ଭୁବନେଶ୍ୱର,୩।୧୨:** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ଠାରେ 'ମେକିଂ ଆନ୍ ଇମ୍ପାକ୍ଟ ଭାୟା ସୋସିଆଲ ଇନୋଭେଶନ' ବିଷୟବସ୍ତୁ ଉପରେ ପ୍ରଥମ ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହା ମଲ୍ଟିମିଡିଆ ୟୁନିଭରସିଟି(ଏମ୍ଏମ୍ୟୁ) ଦ୍ୱାରା ଆୟୋଜିତ ଏବଂ ବିଜିୟୁ, ୟୁନିଭରସିଟାଜ ମର୍କ୍ୟୁବୁଆନ (ଇଣ୍ଡୋନେସିଆ), ୟୁନିଭରସିଟାଜ ପାକୁଆନ (ଇଣ୍ଡୋନେସିଆ)ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ଏସିଆନ,ସାଉଥ ଇଷ୍ଟ ଏସିଆନ ଏବଂ ୟୁରୋପିଆନ ଦେଶଗୁଡିକର ୧୮ ଟି ୟୁନିଭରସିଟିରୁ ୩୮୭ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜିୟୁ ବିଏସ୍ଓଏମ୍ ବିଭାଗରୁ ୪୪ଜଣ, ବିଏସ୍ଓଏସ୍ ବିଭାଗରୁ ୪୮ଜଣ ଏବଂ ଅର୍ଥନୀତି ବିଭାଗରୁ ୫ଜଣଙ୍କୁ ମିଶାଇ ମୋଟ ୯୭ ଜଣ ଛାତ୍ରୀଛାତ୍ର ଏହି ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାଗନେବାର ସୌଭାଗ୍ୟ ଅର୍ଜନ କରିଥିଲେ। ବିଜିୟୁ ପକ୍ଷରୁ ବିଏସ୍ଓଏମ୍, ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏହି କାର୍ଯ୍ୟକ୍ରମରେ ଜଣେ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିଲେ।

THE NEW INDIAN EXPRESS
MONDAY, DECEMBER 21, 2020

edex

# A virtual student exchange programme held

The first virtual International Student e-Exchange Programme on the theme 'Making an Impact via Social Innovations' was organised by Multimedia University (MMU), co-organised by Birla Global University, Universitas Mercu Buana (Indonesia) and Universitas Pakuan (Indonesia).

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
ପ୍ରଗତିବାଦୀ
PRAGATIVADI ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL
BHUBANESWAR, FRIDAY, 4 DECEMBER, 2020 ■ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୪, ୨୦୨୦

# ବିଜିୟୁର ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ କାର୍ଯ୍ୟକ୍ରମ

• ଭୁବନେଶ୍ୱର, ପିଏନଏସ

ବିଜିୟୁ ପକ୍ଷରୁ ମେକିଙ୍ଗ ଆନ ଇମ୍ପାକ୍ଟ ଭାୟା ସୋସିଆଲ ଇନୋଭେସନ୍ସ ବିଷୟବସ୍ତୁ ଉପରେ ପ୍ରଥମ ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡ଼େଣ୍ଟ ଇ-ଏକ୍ସଚେଞ୍ଜ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ଏହା ମଲ୍ଟିମିଡ଼ିଆ ୟୁନିଭରସିଟି (ଏମଏମୟୁ) ଦ୍ୱାରା ଆୟୋଜିତ ଏବଂ ବିଜିୟୁ, ୟୁନିଭରସିଟାଜ, ମର୍କ୍ୟୁବୁଆନା (ଇଣ୍ଡୋନେସିଆ), ୟୁନିଭରସିଟାଜ ପାକୁଆନ (ଇଣ୍ଡୋନେସିଆ)ର ମିଳିତ ସହଯୋଗରେ ଏହି ଭର୍ଚୁଆଲ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସିଆନ, ସାଉଥ ଇଷ୍ଟ ଏସିଆନ ଏବଂ ୟୁରୋପିଆନ ଦେଶଗୁଡ଼ିକର ୧୮ ଟି ୟୁନିଭରସିଟିରୁ ୩୮୭ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଦେୟ ଧାର୍ଯ୍ୟ କରାଯାଇଥିଲା । ମାତ୍ର ବିଜିୟୁ ଏକ ଅନ୍ତର୍ଜାତୀୟ ସହଭାଗିତା ୟୁନିଭରସିଟି ହୋଇଥିବାରୁ ଏହାର ଛାତ୍ରଛାତ୍ରୀମାନେ ଏଥିରେ ନିଶୁଳ୍କ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ । ବିଜିୟୁର ବିଏସଓଏମ ବିଭାଗରୁ ୪୪ଜଣ, ବିଏସଓସି ବିଭାଗରୁ ୪୮ ଜଣ ଏବଂ ଅର୍ଥନୀତି ବିଭାଗରୁ ୫ ଜଣଙ୍କୁ ମିଶାଇ ମୋଟ ୯୭ ଜଣ ଛାତ୍ରଛାତ୍ରୀ ଏହି ଅନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡ଼େଣ୍ଟ ଇ-ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଥିଲେ । ବିଜିୟୁ ପକ୍ଷରୁ ବିଏସଓଏମ, ଡ଼ିନ ପ୍ରଫେସର ପରମେଶ୍ୱର ନାୟକ ଏହି କାର୍ଯ୍ୟକ୍ରମରେ ଜଣେ ପରାମର୍ଶଦାତାଭାବେ ନିଯୁକ୍ତ ହୋଇଥିବାବେଳେ ଡ଼. ପ୍ରୀତିଶ କେ. ସାହୁ ସହ- ଚେୟାରମ୍ୟାନ ଭାବେ ନିଯୁକ୍ତ ହୋଇଥିଲେ । ପ୍ରଫେସର ନାୟକଙ୍କୁ ମଧ୍ୟ ଏକ ପ୍ୟାନେଲିଷ୍ଟ ଭାବେ ନିମନ୍ତ୍ରଣ କରାଯାଇଥିଲା । ବିର୍ଲା ଗ୍ଲୋବାଲ ୟୁନିଭରସିଟି ଏବଂ ମଲ୍ଟିମିଡ଼ିଆ ୟୁନିଭରସିଟି (ମାଲେସିଆ) ମଧ୍ୟରେ ୨୦୧୯ଠାରୁ ପାରସ୍ପରିକ ବୁଝାମଣା ରହିଛି । ପୂର୍ବରୁ ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀମାନେ ଦୁଇଟି ଭିନ୍ନ ବ୍ୟାଚର ମଲ୍ଟିମିଡ଼ିଆ ୟୁନିଭରସିଟି (ମାଲେସିଆ)କୁ ଗସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜିୟୁର ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କର ଏହି ନିରନ୍ତର ଉଦ୍ୟମ ପାଇଁ ସେମାନଙ୍କୁ ପୁରସ୍କାର ସହ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଏକାଡ଼େମିକ ଶିକ୍ଷା ସହ ଖାଦ୍ୟ, ରେସିପି, ଇତିହାସ, ଅର୍ଥନୀତି, ସଂସ୍କୃତି ଏବଂ ହେରିଟେଜ ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ଅର୍ଜନ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ପଞ୍ଚବିଂଶ ବର୍ଷ
ସଂଖ୍ୟା : ୫୬
ତିଥି : ପଞ୍ଚମୀ
୪ ଡିସେମ୍ବର ୨୦୨୦, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXV, No. 56
4 December 2020, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବିଜିୟୁ ପକ୍ଷରୁ ଆନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ ପ୍ରୋଗ୍ରାମ

ଭୁବନେଶ୍ୱର, (ସବ୍ୟୁ): ବିଜିୟୁ ପକ୍ଷରୁ ମେକିଙ୍ଗ ଅନ୍ ଇମ୍ପାକ୍ଟ ଭାୟା ସୋସିଆଲ ଇନୋଭେସନ୍ସ ବିଷୟବସ୍ତୁ ଉପରେ ପ୍ରଥମ ଆନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ - ଏକ୍ସଚେଞ୍ଜ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ଏହା ମଲ୍ଟିମିଡିଆ ୟୁନିଭରସିଟି (ଏମ୍‌ଏମ୍‌ୟୁ) ଦ୍ୱାରା ଆୟୋଜିତ ଏବଂ ବିଜିୟୁ, ୟୁନିଭରସିଟାସ୍ ମର୍କ୍ୟୁବୁଆନା (ଇଣ୍ଡୋନେସିଆ), ୟୁନିଭରସିଟାସ୍ ପାକୁଆନ୍ (ଇଣ୍ଡୋନେସିଆ)ର ମିଳିତ ସହଯୋଗରେ ଏହି ଭର୍ଚୁଆଲ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସିଆନ୍, ସାଉଥ ଇଷ୍ଟ ଏସିଆନ୍ ଏବଂ ୟୁରୋପିଆନ୍ ଦେଶ ଗୁଡିକର ୧୮ଟି ୟୁନିଭରସିଟିରୁ ୩୮୭ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଦେୟ ଧାର୍ଯ୍ୟ କରାଯାଇଥିଲା, ମାତ୍ର ବିଜିୟୁ ଏକ ଆନ୍ତର୍ଜାତୀୟ ସହଗାତା ୟୁନିଭରସିଟି ହୋଇଥିବାରୁ ଏହାର ଛାତ୍ରଛାତ୍ରୀମାନେ ଏଥିରେ ନିଃଶୁଳ୍କ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ । ବିଜିୟୁର ବିଏସ୍‌ଓଏମ୍ ବିଭାଗରୁ ୪୪ଜଣ, ବିଏସ୍‌ଓସି ବିଭାଗରୁ ୪୮ଜଣ ଏବଂ ଅର୍ଥନୀତି ବିଭାଗରୁ ୫ଜଣଙ୍କୁ ମିଶାଇ ମୋଟ ୯୭ଜଣ ଛାତ୍ରଛାତ୍ରୀ ଏହି ଆନ୍ତର୍ଜାତୀୟ ଭର୍ଚୁଆଲ ଷ୍ଟୁଡେଣ୍ଟ ଇ-ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଥିଲେ । ବିଜିୟୁ ପକ୍ଷରୁ ବିଏସ୍‌ଓଏମ୍, ଡିନ୍ ପ୍ରଫେସର ପରମେଶ୍ୱର ନାୟକ ଏହି କାର୍ଯ୍ୟକ୍ରମରେ ଜଣେ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିବା ବେଳେ ଡ. ପ୍ରୀତିଶ କେ. ସାହୁ ସହ ଚେୟାରମ୍ୟାନ୍ ଭାବେ ନିଯୁକ୍ତ ହୋଇଥିଲେ । ପ୍ରଫେସର ନାୟକଙ୍କ ମଧ୍ୟ ଏକ ପ୍ୟାନେଲିଷ୍ଟ ଭାବେ ନିମନ୍ତ୍ରଣ କରାଯାଇଥିଲା । ବିଲାଁ ଗ୍ଲୋବାଲ ୟୁନିଭରସିଟି ଏବଂ ମଲ୍ଟିମିଡିଆ ୟୁନିଭରସିଟି (ମାଲେସିଆ) ମଧ୍ୟରେ ୨୦୧୯ଠାରୁ ପାରସ୍ପରିକ ବୁଝାମଣା ରହିଛି । ପୂର୍ବରୁ ବିଲାଁ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରମାନେ ଦୁଇଟି ଭିନ୍ନ ବ୍ୟାଚରେ ମଲ୍ଟିମିଡିଆ ୟୁନିଭରସିଟି (ମାଲେସିଆ) କୁ ଗସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜିୟୁର ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କର ଏହି ନିରନ୍ତର ଉଦ୍ୟମ ପାଇଁ ସେମାନଙ୍କୁ ପୁରସ୍କାର ସହ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଏକାଡେମିକ୍ ଶିକ୍ଷା ସହ ଖାଦ୍ୟ, ରେସିପି, ଇତିହାସ, ଅର୍ଥନୀତି, ସଂସ୍କୃତ ଏବଂ ହେରିଟେଜ୍ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିଥିଲେ ।